# NATIONAL NEWS BULLETIN (ODIA)

**27 June - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

– କହିଲେ ଆଗାମୀ ବଜେଟ୍ ଭବିଷ୍ୟତର ଦୃଷ୍ଟିକୋଣ ଏବଂ ସଂସ୍କାରକୁ ତ୍ୱରାନ୍ୱିତ କରିବ ।

- ମହାରାଷ୍ଟ୍ର ବିଧାନସଭାର ମୌସୁମୀ ଅଧିବେଶନ ଆଜିଠୁ ଆରମ୍ଭ ।

- ନାଗାଲାଣ୍ଡ ପୌର ନିର୍ବାଚନରେ ୮୩ ଦଶମିକ ୫/୪ ମତଗ୍ରହଣ ।

- ପ୍ରସ୍ତାବିତ ଅର୍ଥ ବିଲ୍ ପ୍ରତ୍ୟାହାର କରାଯିବବୋଲି ଘୋଷଣା କଲେ କେନିଆର ରାଷ୍ଟ୍ରପତି ୱିଲିୟମ ରୁଟୋ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲରେ ଆଜି ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ।

# ପ୍ରେସିଡେଣ୍ଟ ଆଡ୍ରେସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଜାମ୍ମୁ-କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ବିଗତ ବର୍ଷଗୁଡ଼ିକ ତୁଳନାରେ ଗତ ନିର୍ବାଚନରେ ଅଧିକ ସଂଖ୍ୟକ ଭୋଟର ଅଂଶଗ୍ରହଣ କରି ଦେଶର ଶତ୍ରୁଙ୍କୁ କଡ଼ା ଜବାବ ଦେଇଛନ୍ତି । ସଂସଦର ଆଜି ମିଳିତ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି ଗତ ୪ ଦଶନ୍ଧି ଧରି କାଶ୍ମୀରରେ ବିଶୃଙ୍ଖଳିତ ପରିସ୍ଥିତି ଯୋଗୁଁ ମତଦାନ କମ୍ ହେଉଥିଲା । ଏହାକୁ ଶତ୍ରୁପକ୍ଷ ଆନ୍ତର୍ଜାତୀୟ ମଞ୍ଚରେ କାଶ୍ମୀରର ମତ ଭାବେ ପ୍ରଚାର କରୁଥିଲେ; କିନ୍ତୁ ଏଥର କାଶ୍ମୀରବାସୀ ଏଭଳି ଅପପ୍ରଚାରର କଡ଼ା ଜବାବ ଦେଇଛନ୍ତି ।

ରାଷ୍ଟ୍ରପତି କହିଛନ୍ତି ସଂସଦର ଆଗାମୀ ଅଧିବେଶନରେ ସରକାର ଉପସ୍ଥାପନ କରିବାକୁ ଯାଉଥିବା ବଜେଟ୍ ଏକ ସୁଦୂର ପ୍ରସାରୀ ନୀତି, ପ୍ରଭାବଶାଳୀ ଏବଂ ଭବିଷ୍ୟତର ଦୃଷ୍ଟିକୋଣ ଓ ସଂସ୍କାରକୁ ତ୍ୱରାନ୍ୱିତ କରିବ । ଗତ ୧୦ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ସଂସ୍କାରମୂଳକ ପଦକ୍ଷେପ ଯୋଗୁଁ ଭାରତ ଏକାଦଶ ସ୍ଥାନରୁ ଉର୍ଦ୍ଧ୍ୱକୁ ଉଠି ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିର ମାନ୍ୟତା ପାଇଛି । ବୈଷୟିକ ସମସ୍ୟା ଏବଂ ଆହ୍ୱାନଗୁଡ଼ିକୁ ଅତିକ୍ରମ କରି ଭାରତ ଏହି ସଫଳତା ହାସଲ କରିଛି । ସେ କହିଛନ୍ତି ଭାରତକୁ ତୃତୀୟ ଅର୍ଥନୀତିରେ ପରିଣତ କରିବା ଲାଗି ସରକାର ପ୍ରୟାସ ଜାରି ରଖିଛନ୍ତି । ପିଏମ୍ ଗ୍ରାମୀଣ ସଡ଼କ ଯୋଜନା ଅଧୀନରେ

୩ଲକ୍ଷ ୮୦ହଜାର କିଲୋମିଟର ଗ୍ରାମ୍ୟ ସଡ଼କ ନିର୍ମାଣ କରାଯାଇଛି । ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଛନ୍ତି ସେହି ଅଞ୍ଚଳରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ସେହି ଅଞ୍ଚଳର ଉନ୍ନତିକୁ ଦୃଷ୍ଟିରେ ରଖି ପର୍ଯ୍ୟାୟକ୍ରମେ ଆଫସାକୁ ଉଚ୍ଛେଦ କରାଯାଉଛି ବୋଲି ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି । ପ୍ରଶ୍ନପତ୍ର ଲିକ୍ ଘଟଣା ଉପରେ ମତଦେବାକୁ ଯାଇ ରାଷ୍ଟ୍ରପତି କହିଛନ୍ତି ଅନିୟମିତତାକୁ ରୋକିବା ଲାଗି ସରକାର ଆଇନ୍ ପ୍ରଣୟନ କରିଛନ୍ତି । ତେବେ ଏହି ଘଟଣାରେ ଜଡିତ ଦୋଷୀଙ୍କୁ କଠୋର ଦଣ୍ଡବିଧାନ କରାଯିବା ନେଇ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଉପରେ ରାଷ୍ଟ୍ରପତି ଆଲୋକପାତ କରିଥିଲେ ।

## ପାର୍ଲ୍ୟାମେଣ୍ଟ-ଆଡଜର୍ଣ୍ଣ

ଉଭୟ ସଦନର ମିଳିତ ଅଧିବେଶନକୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଏହାର ଏକ ନକଲ ଆଜି ଲୋକସଭାରେ ଉପସ୍ଥାପନ କରାଯାଇଛି । ଅପରାହ୍ଣରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଏହାକୁ ଉପସ୍ଥାପନ କରାଯାଇଥିଲା । ବାଚସ୍ପତି ଓମ୍ ବିର୍ଲା କହିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଲୋକସଭାର ବିରୋଧୀଦଳ ନେତା ଭାବେ ମାନ୍ୟତା ପ୍ରଦାନ କରାଯାଇଛି । ଏହାପରେ ଗୃହକୁ ଆଜିପାଇଁ ମୁଲତବୀ ଘୋଷଣା କରାଯାଇଥିଲା ।

ରାଜ୍ୟସଭା ଅଧିବେଶନ ଆଜି ଆରମ୍ଭ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନବଗଠିତ କେନ୍ଦ୍ର ମନ୍ତ୍ରିପରିଷଦର ସଦସ୍ୟଙ୍କୁ ରାଜ୍ୟସଭାରେ ପରିଚିତ କରାଇଥିଲେ । ଅଧ୍ୟକ୍ଷ ଜଗଦୀପ ଧନଖଡ, କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଗୃହର ନେତାଭାବେ ନିଯୁକ୍ତ କରିଥିଲେ । ରାଜ୍ୟସଭାରେ ମଧ୍ୟ ରାଷ୍ଟ୍ରପତିଙ୍କ ଅଭିଭାଷଣର ଏକ ନକଲ ଉପସ୍ଥାପନ କରାଯାଇଥିଲା । ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି ।

## ନାଗାଲାଣ୍ଡ ଭୋଟର ଟର୍ଣ୍ଣଆଉଟ୍

ନାଗାଲାଣ୍ଡରେ ଗତକାଲି ଅନୁଷ୍ଠିତ ପୌର ନିର୍ବାଚନରେ ପାଖାପାଖି ୮୩ ଦଶମିକ ୫/୪ ପ୍ରତିଶତ ମତଦାନ ହୋଇଥିଲା । ୩ଟି ପୌରପାଳିକା ଏବଂ ୨୧ଟି କାଉନ୍‌ସିଲର ପଦବୀ ପାଇଁ ଏହି ମତଗ୍ରହଣ ଅନୁଷ୍ଠିତ ହୋଇଥିଲା । ୨୧୪ଟି ୱାର୍ଡର ୪୨୦ଟି ମତଦାନ କେନ୍ଦ୍ରରେ ୫୨୩ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଥିଲେ । ସେମାନଙ୍କ ମଧ୍ୟରେ ୧୯୮ଜଣ ମହିଳା ଏବଂ ୩୨୫ଜଣ ପୁରୁଷ ଅନ୍ତର୍ଭୁକ୍ତ । ଦୀର୍ଘ ୨୦ବର୍ଷ ପରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ଚଳିତବର୍ଷ ୩୩ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା ।

ରାଜ୍ୟ ନିର୍ବାଚନ ଅଧିକାରୀ ଦେଇଥିବା ସୂଚନା ଅନୁଯାୟୀ ଦିମାପୁର ପୌର ପରିଷଦ ଅଧୀନସ୍ଥ ୨୦ ନମ୍ବର ୱାର୍ଡର ୪ ନମ୍ବର ବୁଥ୍‌କୁ

ଛାଡିଥିଲେ ଅନ୍ୟ ସମସ୍ତ ମତଦାନ କେନ୍ଦ୍ରରେ ମତଗ୍ରହଣ ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । ଏହି ମତଦାନ କେନ୍ଦ୍ରରେ ଆସନ୍ତାକାଲି ପୁନଃ ମତଗ୍ରହଣ କରାଯିବ । ଅଟୋଇଜୁ କାଉନ୍‌ସିଲ କ୍ଷେତ୍ରରେ ସର୍ବାଧିକ ୯୫ ଦଶମିକ ୪/୭ ପ୍ରତିଶତ ଏବଂ ଚାଙ୍ଗତୋଙ୍ଗିଆ କାଉନ୍‌ସିଲ କ୍ଷେତ୍ର ପାଇଁ ସର୍ବନିମ୍ନ ୬୭ଦଶମିକ ୭ ପ୍ରତିଶତ ମତଦାନ ହୋଇଛି ।

ଏନ୍.ଡି.ପି.ପି ର ସର୍ବାଧିକ ୧୭୮ଜଣ ପ୍ରାର୍ଥୀ, ବିଜେପିର ୪୪ଜଣ, କଂଗ୍ରେସର ୩୭, ଏନ୍.ପି.ପିର ୨୨, ଏନ୍.ପି.ଏଫ୍‌ର ୨୧, ଏନ୍.ସି.ପି ୧୫, ଜେ.ଡି.ୟୁ ୯, ଆର୍.ପି.ଆଇ (ଅଠାୱଲେ)୭, ଏଲ୍.ଜେ.ପିର ୭ଜଣ, ଆର୍.ପି.ପି ରାଜନୈତିକ ଦଳର ଜଣେ ଏବଂ ୧୮୨ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଥିଲେ । ଆସନ୍ତା ୨୯ତାରିଖ ଦିନ ଭୋଟ୍‌ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।

## ମହାରାଷ୍ଟ୍ର-ମନସୁନ ସେସନ

ମହାରାଷ୍ଟ୍ର ବିଧାନସଭାର ମୌସୁମୀ ଅଧିବେସନ ଆଜିଠାରୁ ଆରମ୍ଭ ହୋଇଛି । ଅଧିବେଶନର ଅବ୍ୟବହିତ ପୂର୍ବରୁ ଗତ ସଂଧ୍ୟାରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କହିଛନ୍ତି ରାଜ୍ୟର ମହାୟୁତି ସରକାର ଏକ ଶକ୍ତିଶାଳୀ ଏବଂ ନିର୍ଣ୍ଣାୟକ ସରକାର ବୋଲି ନିଜକୁ ସାବ୍ୟସ୍ତ କରିଛି । ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ କଲ୍ୟାଣମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସୂଚନାଯୋଗ୍ୟ

ପାରମ୍ପରିକ ଚା'ପାନ କାର୍ଯ୍ୟକ୍ରମରେ ବିରୋଧୀ ଦଳ ଯୋଗ ଦେଇ ନଥିଲେ । ଅନ୍ୟପକ୍ଷରେ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ରାଜ୍ୟ ବିଧାନସଭାର ବିରୋଧୀଦଳ ନେତା ବିଜୟ ଓ୍ୱାଡେଡିଓ୍ୱାର ବର୍ତ୍ତମାନର ରାଜ୍ୟ ସରକାର କୃଷକ, ଛାତ୍ର ଏବଂ ଯୁବବିରୋଧୀ ବୋଲି ସେ ଅଭିଯୋଗ କରିଥିଲେ ।

ଏହି ଅଧିବେଶନ କାଳରେ ଆସନ୍ତାକାଲି ରାଜ୍ୟ ବଜେଟ୍ ଉପସ୍ଥାପନ କରାଯିବ । ୨୯ତାରିଖ ଶନିବାର ଦିନ ସରକାରୀ ଛୁଟି ଥିବା ସତ୍ତ୍ୱେ ଗୃହକାର୍ଯ୍ୟ ଚାଲିବ ବୋଲି ସ୍ଥିର ହୋଇଛି । ଏହି ଅଧିବେଶନ ଆସନ୍ତା ମାସ ୧୩ ତାରିଖରେ ଶେଷ ହେବା ନେଇ କାର୍ଯ୍ୟସୂଚୀ ରହିଛି ।

## ଅତିସୀ-ଦିଲ୍ଲୀ

ଦିଲ୍ଲୀ ଜଳମନ୍ତ୍ରୀ ଆତିସୀ ଆଜି ହସ୍ପିଟାଲରୁ ସୁସ୍ଥ ହୋଇ ଫେରିଛନ୍ତି । ଅନଶନ ସମୟରେ ଅସୁସ୍ଥ ଅନୁଭବ କରିବାରୁ ଗତ ସୋମବାର ଦିନ ତାଙ୍କୁ ଦିଲ୍ଲୀର ଏଲ୍ଏନ୍ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସୂଚନାଯୋଗ୍ୟ ହରିୟାଣାରୁ ଅଧିକ ଜଳ ଦାବିକରି ଗତ ୨୧ତାରିଖରୁ ମନ୍ତ୍ରୀ ଆତିସୀ ଅନଶନ ଆରମ୍ଭ କରିଥିଲେ ।

# ୟୁଏସ୍ ପାକ୍-ରିଜୋଲେସନ

ପାକିସ୍ତାନ ସାଧାରଣ ନିର୍ବାଚନରେ ସ୍ୱାଧୀନ ଏବଂ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିବା ପାଇଁ ଆମେରିକା ପ୍ରତିନିଧି ସଭା ଏକ ଦ୍ୱିପାକ୍ଷିକ ସଂକଳ୍ପ ପାରିତ କରିଛି । ପାକିସ୍ତାନରେ ଗଣତନ୍ତ୍ର ଏବଂ ମାନବିକ ଅଧିକାର ପ୍ରତି ସମର୍ଥନ ଶୀର୍ଷକ ଏହି ସଂକଳ୍ପରେ ଗତ ସାଧାରଣ ନିର୍ବାଚନରେ ହୋଇଥିବା ଅନିୟମିତତା ଅଭିଯୋଗ ସଂକ୍ରାନ୍ତରେ ମୁକ୍ତ ଏବଂ ନିରପେକ୍ଷ ତଦନ୍ତ ପାଇଁ ଗୁରୁତ୍ୱାରୋପ କରାଯାଇଛି । ଗଣତନ୍ତ୍ର ଏବଂ ମାନବାଧିକାରକୁ ସମର୍ଥନ କରୁଥିବା ବ୍ୟକ୍ତି ଏବଂ ସଂସ୍ଥା ଗୁଡ଼ିକର ସହାୟତାରେ ଏହି ସଂକଳ୍ପ ପ୍ରସ୍ତୁତ ହୋଇଥିବା ଜଣାପଡିଛି । ଏହି ସଂକଳ୍ପ ଆଲୋଚନାରେ ୮୫ପ୍ରତିଶତ ସଦସ୍ୟ ଅଂଶଗ୍ରହଣ କରିଥିବାବେଳେ ୯୮ପ୍ରତିଶତ ସଦସ୍ୟ ଏହା ସପକ୍ଷରେ ଭୋଟ୍ ଦେଇଥିଲେ ।

ଅନ୍ୟପକ୍ଷରେ ଏଭଳି ସଂକଳ୍ପକୁ ସମାଲୋଚନା କରି ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ପାକିସ୍ତାନର ରାଜନୈତିକ ପରିସ୍ଥିତି ଏବଂ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଅସମ୍ପୂର୍ଣ୍ଣ ତଥ୍ୟ ଉପରେ ଏହା ପ୍ରସ୍ତୁତ ହୋଇଛି । ସୂଚନାଯୋଗ୍ୟ ଗତ ଫେବୃୟାରୀ ୮ ତାରିଖରେ ପାକିସ୍ତାନରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଅନିୟମିତତା ଅଭିଯୋଗ ହୋଇଥିଲା । ଏଥିପାଇଁ ପାକିସ୍ତାନର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ, ଇଣ୍ଟରନେଟ୍ ସେବା ବନ୍ଦ ଆଦି ହୋଇଥିଲା ।

# ଟି-ଟ୍ୱେଣ୍ଟି ୱାର୍ଲ୍ଡକପ୍

ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ଆଜି ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ରାତି ୮ଟାରେ ଗୁଆନା ସ୍ଥିତ ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ରେ ଏହା ଖେଳାଯିବ ।

ପ୍ରଥମ ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକା ୯ ଓ୍ୱିକେଟ୍‌ରେ ଆଫ୍‌ଗାନିସ୍ତାନକୁ ପରାସ୍ତ କରିଛି । ଆଫ୍‌ଗାନିସ୍ତାନ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିଥିଲା । ୧୧ ଓଭର ୫ଟି ବଲ୍‌ରେ ଆଫ୍‌ଗାନିସ୍ତାନ ସମସ୍ତ ଓ୍ୱିକେଟ୍ ହରାଇ ୫୬ରନ୍ କରିବାକୁ ସକ୍ଷମ ହୋଇଥିଲା । ଜବାବରେ ଦକ୍ଷିଣ ଆଫ୍ରିକା ମାତ୍ର ୮ ଓଭର ୫ଟି ବଲ୍‌ରେ ଗୋଟିଏ ଓ୍ୱିକେଟ୍ ହରାଇ ୬୦ରନ୍ ସ୍କୋର କରି ବିଜୟଲାଭ କରିଥିଲା ।

ଆସନ୍ତା ଶନିବାର ଦିନ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

# ଶ୍ରୀଲଙ୍କା କୋଚ୍ ରିଜାଇନ୍

ଶ୍ରୀଲଙ୍କା କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରିସ୍ ସିଲଭରଉଡ୍ ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରିପ୍ରେକ୍ଷୀରେ ସେ ଏହି ପଦକ୍ଷେପ ନେଇଥିବା ଜଣାପଡିଛି । ଶ୍ରୀ ସିଲଭରଉଡ୍ ବର୍ତ୍ତମାନ ସେ ତାଙ୍କ ପରିବାର ଏବଂ ପ୍ରିୟଜନଙ୍କ ସହିତ ସମୟ ଅତିବାହିତ କରିବାକୁ

ଇଚ୍ଛାପ୍ରକାଶ କରିଛନ୍ତି । ଗତ ୨୦୨୨ ଏପ୍ରିଲରେ ଶ୍ରୀ ସିଲଭରଉଡ୍ ଶ୍ରୀଲଙ୍କା ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କ ସମୟରେ ଶ୍ରୀଲଙ୍କା ୮ଟି ଟେଷ୍ଟ, ୨୬ଟି ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍ ଏବଂ ୧୮ଟି ଟି-ଟ୍ୱେଣ୍ଟି ମ୍ୟାଚ୍‌ରେ ବିଜୟ ହାସଲ କରିଥିଲା । ଶ୍ରୀଲଙ୍କା ଦଳର ଦାୟିତ୍ୱ ନେବା ପୂର୍ବରୁ ସେ ଇଂଲଣ୍ଡ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ସୂଚନାଯୋଗ୍ୟ ଶ୍ରୀଲଙ୍କା ଦଳର ପୂର୍ବତନ ଅଧିନାୟକ ମାହେଲା ଜୟବର୍ଦ୍ଧନେ ଗତକାଲି ପ୍ରଶିକ୍ଷକ ପଦରୁ ଓହରି ଯାଇଛନ୍ତି ।